Sambad

# କୌଣସି 'ବାଦ'ର ବଶବର୍ତ୍ତୀ ହୋଇ କବିତା ଲେଖେନାହିଁ: ଗାୟତ୍ରୀବାଳା ପଣ୍ଡା

**କବିତା ସଂକଳନ 'ଦୟାନଦୀ' ପାଇଁ ୨୦୨୨ ମସିହାର କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଛନ୍ତି ସୁପରିଚିତ କବି ଡକ୍ଟର ଗାୟତ୍ରୀବାଳା ପଣ୍ଡା। ୧୯୬୭ରେ ଜଗତସିଂହପୁର ଜିଲ୍ଲାର ସାଦେଇପୁର ଗାଁରେ ତାଙ୍କର ଜନ୍ମ। କବିତା ସହିତ ସେ ଗଳ୍ପ, ଉପନ୍ୟାସ ଓ ସ୍ତମ୍ଭ ରଚନା କରନ୍ତି। ତାଙ୍କର ୨୮ ଖଣ୍ଡ ପୁସ୍ତକ ପ୍ରକାଶିତ। ଏହା ପୂର୍ବରୁ ସାହିତ୍ୟ ଅକାଦେମିର ଯୁବ ପୁରସ୍କାର ସମେତ ସେ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି।**



● 'ଦୟାନଦୀ' କବିତା ସଂକଳନ ପାଇଁ ଆପଣ ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଛନ୍ତି। କଳିଙ୍ଗ ଯୁଦ୍ଧ ଏବଂ ଦୟାନଦୀକୁ ନେଇ ଷାଠିଏରୁ ଅଧିକ କବିତା ଏଥିରେ ରହିଛି। ଇତିହାସକୁ କବିତାରେ ରୂପାନ୍ତର କଲାବେଳେ ଆପଣଙ୍କର ଅନୁଭବ କେମିତି ରହିଥିଲା?

ପ୍ରତ୍ୟେକ ବ୍ୟକ୍ତି ଇତିହାସକୁ ତା' ନିଜ ଦୃଷ୍ଟିକୋଣରୁ ତିଆରି କରେ। 'ଦୟାନଦୀ'ର ନାଁ କଳିଙ୍ଗ ଯୁଦ୍ଧ ପୂର୍ବରୁ କ'ଣ ଥିଲା କାହାକୁ ଜଣାନାହିଁ। ଭୟଙ୍କର ଯୁଦ୍ଧରେ ଗୋଟିଏ ଜଳସ୍ରୋତ ବୀରମାନଙ୍କର ରକ୍ତରେ ରକ୍ତସ୍ରୋତ ପାଲଟିଗଲା। ଅଂଶୋକର ପ୍ରଚଣ୍ଡ କ୍ରୋଧକୁ ତା' ନିଜ ମଧ୍ୟରେ ଲୀନ କରିଦେଇ ଅଧ୍ୟାତ୍ମରେ, କରୁଣାରେ ରୂପାନ୍ତର କଲା। କରୁଣାର ଏହି ସ୍ରୋତଟି ଦୟାନଦୀ ନାଁରେ ପରିଚିତ ହେଲା। ଏମିତି ଏକ ଭାବନା ବୋଧହୁଏ ପିଲାଦିନରୁ ମୋର ଅବଚେତନରେ ସୁପ୍ତ ଭାବରେ ରହିଥିଲା, ଯାହା ପରବର୍ତ୍ତୀ ସମୟରେ କବିତା ରୂପରେ ଆତ୍ମପ୍ରକାଶ କଲା।

● ଆପଣ ସଂକଳନର ଅଗ୍ରଭାଗରେ 'ଅଳ୍ପ କିଛି କଥା' କ୍ରମରେ ଲେଖିଛନ୍ତି ଯେ, 'ଦୟାନଦୀର ଯେମିତି ଆତ୍ମା ଅଛି। ଇତିହାସଠୁ, କିଂବଦନ୍ତିଠୁ ଆହୁରି ସତ ସେ ଆତ୍ମାର ଅର୍ଥମୟତା।' ଏ ଆତ୍ମା ଅନୁସନ୍ଧାନର ପ୍ରକ୍ରିୟାଟି କେମିତି ଥିଲା?

ଜୀବନ ବି ଗୋଟେ ସ୍ରୋତ। ଗତିଶୀଳ ଓ ନଦୀଟିଏ ପରି ପ୍ରବହମାନ। ପିଲାଦିନର ଇତିହାସ ବହିରୁ ଦୟାନଦୀର ଧାରେ ସ୍ରୋତ ଅସ୍ୱୀକାର, ଆତଙ୍କର, ଉଦାସୀନତାର ହେତୁ ପାଲଟି ବୋଧହୁଏ ମୋ ଜୀବନ ସ୍ରୋତରେ ଏକାକାର ହୋଇ ବହିଚାଲିଥିଲା। ପ୍ରତି ମୁହୂର୍ତ୍ତରେ ମୁଁ ଫେରୁଥିଲି ଅତୀତକୁ ଓ ଅତୀତରୁ ବର୍ତ୍ତମାନକୁ। ପ୍ରତି ମୁହୂର୍ତ୍ତରେ ମୋ ଭିତରେ ଆବିଷ୍କାର କରୁଥିଲି ଗୋଟେ ଭିନ୍ନ ଆତ୍ମାକୁ ଯେଉଁ ଆତ୍ମା ସହିତ ମୋର ବାର୍ତ୍ତାଳାପ ଜାରି ରହିଥିଲା। ମୋର ଅଜାଣତରେ ପ୍ରତି ମୁହୂର୍ତ୍ତରେ ମୋ ଭିତରେ ବହୁଥିବା ବାର୍ତ୍ତାଳାପର ସେ ସ୍ରୋତ ହିଁ ଦୟାନଦୀ। ଗୋଟେ ଗତିଶୀଳ କଳକଳପଣ।

● ପରିଶିଷ୍ଟରେ ଆପଣ କହିଛନ୍ତି, 'ମୋ ଦେହ ହିଁ ଦୟାନଦୀ/ ରକ୍ତ-କ୍ଷୋଭ-ପଶ୍ଚାତ୍ତାପରେ କଳକଳ।' ଆପଣ ନାରୀଟିଏ ବୋଲି ଏଭଳି କହିଲେ କି?

ପ୍ରତି ବ୍ୟକ୍ତି ଭିତରେ ଗୋଟିଏ ପ୍ରଚଣ୍ଡ 'ମୁଁ' ସତ୍ତା ଅଛି, ପୁଣି ଅଛି ଏକ ସୁନ୍ଦର ପୃଥିବୀର କାମନା। ନାରୀ ପୁରୁଷ ନିର୍ବିଶେଷରେ ମଣିଷର ଲୋଭ ଅଛି, କ୍ଷୋଭ ଅଛି, ପୀଡ଼ା ଅଛି, ପଶ୍ଚାତ୍ତାପ ଅଛି। ଯେମିତି କଳିଙ୍ଗ ଯୁଦ୍ଧରେ ଗୋଟିଏ ଜଳସ୍ରୋତରେ ମିଶିଲା ଅହଂ। ଅହଂ ରକ୍ତରେ, ରକ୍ତ କ୍ଷୋଭରେ, କ୍ଷୋଭ ପଶ୍ଚାତ୍ତାପରେ, ପଶ୍ଚାତ୍ତାପ କରୁଣାରେ ରୂପାନ୍ତରିତ ହେଲା ଓ ପାଲଟିଗଲା ଦୟାନଦୀ। ଦୟାନଦୀର ପାଣିଧାରରେ ଅହଂ, ଆତଙ୍କ, ଆତୁରତା ଓ ଅସହାୟତା ଏକାକାର ହେଲାପରି ମଣିଷର ଶିରାପ୍ରଶିରାର ତରଳ ସ୍ରୋତରେ ରକ୍ତ-କ୍ଷୋଭ-ପଶ୍ଚାତ୍ତାପ ହିଁ କଳକଳ ହୋଇ ବହୁଥାଏ। ସେଠି ନାରୀ, ପୁରୁଷର ଭେଦ ନାହିଁ।

● ଆପଣ ପ୍ରଶ୍ନ ମଧ୍ୟ କରିଛନ୍ତି, ସବୁଠି ଯୁଦ୍ଧ କ'ଣ ସଂଘଟିତ ହୁଏ ନାରୀଟିଏ ପାଇଁ? ପୁରାଣ ଏବଂ ଇତିହାସରେ ନାରୀ ଜାତିର ଲାଞ୍ଛନା ସହିବାକୁ ବାଧ୍ୟ ହୋଇଛି କି? ଲିଙ୍ଗଗତ ସମାନତା ଦୃଷ୍ଟିରୁ ସମାଜରେ କେତେ ପରିବର୍ତ୍ତନ ଆସିଛି?

ଅଶୋକଙ୍କର କଳିଙ୍ଗ ଆକ୍ରମଣର ଅନ୍ୟ ଏକ କାରଣ ଥିଲେ କାରୁବାକୀ। ତାହା ଭାବନାକୁ ଆନ୍ଦୋଳିତ କଲାବେଳେ ମହାଭାରତ, ରାମାୟଣର ଦ୍ରୌପଦୀ ଓ ସୀତା ଚରିତ୍ର ବି ମନକୁ ଆସିଲେ। ନାରୀ କଦାପି ଏକ ବସ୍ତୁ ନୁହେଁ, ସାମଗ୍ରୀ ନୁହେଁ, ଦେହ ନୁହେଁ। ନାରୀ ଶକ୍ତି। ସେ ସବୁବେଳେ ପ୍ରତିବାଦ କରିଛି। ନିଜକୁ ଅନ୍ୟ ପାଖରେ ସମର୍ପଣ କରିନାହିଁ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଲିଙ୍ଗଗତ ସମାନତା ଦୃଷ୍ଟିରୁ ବିଚାର କଲେ ସମାଜର ମାନସିକତାରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି।

● ଦୟାନଦୀ ଶୀର୍ଷକ କବିତାଗୁଡ଼ିକୁ ପାଠକପାଠିକା କେମିତି ଗ୍ରହଣ କରିଛନ୍ତି?

ସେତୁଆରି, ୨୦୦୯ରେ 'ସମାଜ'ରେ ଦୟାନଦୀ ଶୀର୍ଷକରେ କବିତାଟିଏ ପ୍ରଥମେ ପ୍ରକାଶ ପାଇଥିଲା ଯାହାକି ପୁସ୍ତକର ପରିଶିଷ୍ଟରେ ରହିଛି। ପରବର୍ତ୍ତୀ ସମୟରେ ବିଭିନ୍ନ ପତ୍ରପତ୍ରିକାରେ ଏହା ପ୍ରକାଶିତ ହେଲା। ପାଠକପାଠିକାଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିଲା। ତେବେ 'ଦୟାନଦୀ'ର ଭାବାବେଗକୁ ପାଠକପାଠିକା କେମିତି ଗ୍ରହଣ କରିଛନ୍ତି ତାହା ସେମାନେ ହିଁ କହିପାରିବେ।

● କେତେକଙ୍କ ମତରେ କବିତା ଏଭଳି ଭାବ ଓ ଭାଷାରେ ଲେଖାଯିବା ଉଚିତ ଯେମିତିକି ସାଧାରଣ ପାଠକଟିଏ ମଧ୍ୟ ସହଜରେ ବୁଝିପାରିବ। କିନ୍ତୁ ଅଧିକାଂଶ କବିଙ୍କର ଯୁକ୍ତି ହେଲା, ଦୁର୍ବୋଧ୍ୟ ହେଉ ପଛକେ କବିତାର ଭାବ-ଭାଷା-ଶୈଳୀ ସବୁବେଳେ ସମ୍ଭ୍ରାନ୍ତ। ଆପଣ କେଉଁ ମତକୁ ସମର୍ଥନ କରିବେ?

ଅଭିବ୍ୟକ୍ତିରେ 'ସମ୍ଭ୍ରାନ୍ତ' ଓ 'ସାଧାରଣ'ର କୌଣସି ଭେଦଭାବ ନ ଥାଏ। ଜଣେ ଯେତେବେଳେ ଅନ୍ୟ ପାଖରେ ପହଞ୍ଚେ ସେତେବେଳେ ସେ ନିଜ ଅନୁଭବ ଓ ବିଚାର ପ୍ରତି ବିଶ୍ୱସ୍ତ ଥାଏ। ମୁଁ କବିତା ଲେଖିଲାବେଳେ ଯେତେବେଳେ ଯେଉଁ ଭାବ ଯେମିତି ମନକୁ ଆନ୍ଦୋଳିତ କରେ, ଆଲୋଡ଼ିତ କରେ, ଆହ୍ଲାଦ କରେ, ସେମିତି ଉତ୍ତୁରିଆସେ କାଗଜ ଉପରେ।

● ଆପଣ କବିତା ଲେଖିବା ସମୟରେ ନାନ୍ଦନିକତା ଓ ସୌନ୍ଦର୍ଯ୍ୟବୋଧ ପ୍ରତି କେମିତି ଦୃଷ୍ଟି ଦେଇଥାନ୍ତି?

କବିତାଟି ସ୍ୱତଃସ୍ଫୂର୍ତ୍ତ ଲେଖିହୋଇଯାଏ। କେବେ ବି ଯୋଜନା କରିକି ବା ଆଗରୁ ଭାବିକରି କବିତା ଲେଖେନାହିଁ। ଯେଉଁ ଭାବକୁ କବିତା ପ୍ରକଟ କରିବାକୁ ଚାହିଁଛି ତାକୁ କେବଳ ଗୋଟିଏ ସମର୍ଥ କାବ୍ୟଭାଷା, ଉପଯୁକ୍ତ ଶୈଳୀ ଦେବାର ଚେଷ୍ଟା ଅବଶ୍ୟ କରିଥାଏ।

● ଆପଣଙ୍କ କବିତାରେ କୋମଳ ଶବ୍ଦ ଭିତରେ ପ୍ରତିବାଦୀ ସ୍ୱରଟିଏ ରହିଥାଏ। ସାହିତ୍ୟରେ ନାରୀବାଦ ସମ୍ପର୍କରେ ଆପଣ କ'ଣ କହିବେ?

କୋମଳ ଓ ରୁକ୍ଷ କ'ଣ? ଯେଉଁ ଅନୁଭବ ପାଇଁ ଯେଉଁଭଳି ଶବ୍ଦ ଆବଶ୍ୟକ, ତାହା ସବୁବେଳେ ଭାବ ସହିତ, ଅନୁଭବ ସହିତ ଆପେ ଆସିଯାଏ। ମୁଁ କୌଣସି 'ବାଦ'ର ବଶବର୍ତ୍ତୀ ହୋଇ କବିତା ଲେଖେନାହିଁ। ହଁ, କବିତାଟି ଲେଖାସରିଲା ପରେ ହୁଏତ ତାହା କୌଣସି 'ବାଦ'ର ପର୍ଯ୍ୟାୟଭୁକ୍ତ ହୋଇଯାଇପାରେ। ଯେଉଁଠି ନାରୀଟିଏ ଅପମାନିତା/ ଅତ୍ୟାଚାରିତା/ ନିର୍ଯାତିତା/ ଲୁଣ୍ଠିତା/ ଧର୍ଷିତା ହୋଇଛି ସେଠାରେ ସବୁବେଳେ ମୁଁ ନିଜେ ନାରୀଟିଏ ହୋଇଥିବା ଯୋଗୁଁ ହେଉ କି ସ୍ୱାଭାବିକ ମଣିଷପଣିଆ ଯୋଗୁଁ ହେଉ, ଦୁଃଖରେ ଆପ୍ଳୁତ ହୋଇଛି, କ୍ଷୋଭରେ ଫାଟିପଡ଼ିଛି, କ୍ରୋଧରେ ଜଳିଛି। ମୋ ମତରେ ନାରୀବାଦ 'ନାରୀ ସ୍ୱେଚ୍ଛାଚାରିତା' ନୁହେଁ, କି 'ପୁରୁଷ ବିରୁଦ୍ଧରେ ଏକ ବିଦ୍ରୋହ' ନୁହେଁ, 'ମୁକ୍ତ ଯୌନତାର ଏକ ଆହ୍ୱାନ' ବି ନୁହେଁ, ବରଂ ଏହା ସାମାଜିକ, ରାଜନୈତିକ, ଆଇନଗତ, ଅର୍ଥନୈତିକ ଇତ୍ୟାଦି ପ୍ରତିଟି କ୍ଷେତ୍ରରେ ନାରୀର ସ୍ଥିତି, ସମାନତା ଓ ସ୍ୱାଧୀନତାର କଥା କହେ। ସାହିତ୍ୟରେ ଆଜି ବି ନାରୀ ଚେତନାର ଆହୁରି ଅନେକ ଦିଗ, ଅନେକ ପ୍ରଶ୍ନ, ଅନେକ ଗୋପନୀୟ କଥା ଉନ୍ମୁକ୍ତ ହୋଇପାରିନାହିଁ। ଯେପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତି ମାନସିକତାରେ ପରିବର୍ତ୍ତନ ନ ଆସିଛି, ସେପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ। କିନ୍ତୁ ଆଜିକାଲି ଆମର ଅନେକ ଲେଖିକା/କବି ନାରୀ ଚେତନାର ଅନେକ ଅନାଲୋଚିତ ଦିଗ ସମ୍ପର୍କରେ କହିବାକୁ ପ୍ରୟାସ କଲେଣି। ଭବିଷ୍ୟତରେ ଏ ଦିଗଟି ଆହୁରି ପର୍ଦ୍ଦା ଚିରିବାର ସମ୍ଭାବନା ଅଛି।

● ଆଗରୁ ନାରୀଟିଏ ଲେଖାଲେଖି କଲାବେଳେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିଲା, ଏବେ ଉଭୟ ପରିବାର ଓ ସମାଜ ଏ ଦିଗରେ ସହଯୋଗ କରୁଛନ୍ତି ବୋଲି କୁହାଯାଏ। ଏ ସମ୍ପର୍କରେ ଆପଣଙ୍କର ମତ କ'ଣ?

ସେ ନାରୀ ହେଉ ବା ପୁରୁଷ, ଲେଖାଲେଖି ହେଉ ବା ଯେକୌଣସି ସୃଜନ କର୍ମ, ସେଥିରେ ପରିବାରର ସହଯୋଗ ନିତାନ୍ତ ଆବଶ୍ୟକ।

● ଓଡ଼ିଆ ଭାଷା ୨୦୧୪ରୁ ଶାସ୍ତ୍ରୀୟ ମାନ୍ୟତା ପାଇଛି। କିନ୍ତୁ ଜାତୀୟ ସ୍ତରରେ ପ୍ରଚାର ପ୍ରସାର ଦିଗରେ ଓଡ଼ିଆ ସାହିତ୍ୟ ପଛେଇ ଯାଇଥିବାର ଅଭିଯୋଗ ହୋଇଥାଏ। ଏଥିରେ ସରକାରଙ୍କର ଭୂମିକା ରହିବା ଉଚିତ କି?

ଏଭଳି ଅଭିଯୋଗ ଯେଉଁମାନେ କରନ୍ତି ସେମାନେ ଭାଷା ପ୍ରତି ଅନୁରକ୍ତ ନ ଥାନ୍ତି। ଭାଷା ସାଧାରଣ ମଣିଷଙ୍କର। ଭାଷାର ପ୍ରଚାର ପ୍ରସାର ଦାୟିତ୍ୱ ବି ପ୍ରତ୍ୟେକ ମଣିଷର ହେବା ଉଚିତ। ପ୍ରତି କ୍ଷେତ୍ରରେ ସରକାରଙ୍କୁ ଦୋଷ ଦେବା ବା ସରକାରଙ୍କଠାରୁ ଅପେକ୍ଷା ରଖିବା ଶାସ୍ତ୍ରୀୟ ଓ ସମୃଦ୍ଧ ବୋଲାଉଥିବା ଭାଷାଭାଷୀଙ୍କ ପାଇଁ ଆଦୌ ଶୁଭଙ୍କର ନୁହେଁ।

● ଆପଣ କେନ୍ଦ୍ର ସାହିତ୍ୟ ଅକାଦେମିର ଉଭୟ ଯୁବ ଓ ମୁଖ୍ୟ ପୁରସ୍କାର ପାଇସାରିଛନ୍ତି। ପୁରସ୍କାର ଆପଣଙ୍କ ସାହିତ୍ୟ ସାଧନାକୁ କେମିତି ପ୍ରଭାବିତ କରିଛି?

ଏଭଳି ମର୍ଯ୍ୟାଦାଜନକ ପୁରସ୍କାର ଲେଖକକୁ ଉତ୍ସାହିତ ତ ନିଶ୍ଚୟ କରେ, ତା' ସହ ବ୍ୟାପକ ସ୍ତରରେ ତାକୁ ପରିଚିତି ଆଣିଦିଏ। ତେବେ ମୋ କ୍ଷେତ୍ରରେ ଉଭୟ ପୁରସ୍କାର ମତେ ଉତ୍ସାହିତ କରିବା ସହିତ ମୋ ଭିତରେ ଏକ ଆହ୍ୱାନ ସୃଷ୍ଟି କରିଛି। କିଛିଟା ଭୟ ବି ମନରେ ଆସୁଛି, କାରଣ ଯାପରେ ମୋ ପାଠକପାଠିକା ମୋଠାରୁ ଆହୁରି ଭଲ କବିତା ଆଶା କରିବେ। ସେମାନଙ୍କର ଆଶା ପୂରଣ କରିବାରେ କେତେଦୂର ସମର୍ଥ ହେବି, ଏଇ ଆତଙ୍କ ଘାରୁଛି।